# NATIONAL NEWS BULLETIN (ODIA)

**6 November - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଆମେରିକା ରାଷ୍ଟ୍ରପତି ନିର୍ବାଚନର ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ ମ୍ୟାଜିକ୍ ନମ୍ବର ୨୭୦ ଇଲେକ୍ଟୋରାଲ ଭୋଟ୍ ପାଇବାରେ ନିକଟତର ।

- ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଏବଂ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ନେଇ ବିଧାନସଭାରେ ପ୍ରସ୍ତାବ ଗୃହୀତ ।

- ଜଳ ପରିଚାଳନା, ସଂରକ୍ଷଣ ସଂକ୍ରାନ୍ତରେ ସଚେତନତା ସୃଷ୍ଟିକରିବା ଲକ୍ଷ୍ୟରେ ନୀତି ଆୟୋଗ ପକ୍ଷରୁ ୧୫ଦିନିଆ ଜଳ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ ।

- କେରଳର ଗୋଟିଏ ଲୋକସଭା ଏବଂ ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ଦାର୍ ।

ଏବଂ

- ଢ଼ାକା ବିମାନ ବନ୍ଦରରେ କ୍ୱେତ ବିମାନ ଦୁର୍ଘଟଣାଗ୍ରସ୍ତ; ୨୮୪ଜଣ ଯାତ୍ରୀ ସୁରକ୍ଷିତ ।

# ଆମେରିକା ନିର୍ବାଚନ

ଆମେରିକା ରାଷ୍ଟ୍ରପତି ନିର୍ବାଚନର ଭୋଟ୍‌ଗଣତି ଫଳାଫଳର ସଦ୍ୟ ତଥ୍ୟ ଅନୁସାରେ ରିପବ୍ଲିକାନ ପାର୍ଟିର ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମ୍ୟାଜିକ୍ ନମ୍ବର ୨୭୦ ଇଲେକ୍ଟୋରାଲ ଭୋଟ୍ ପାଇବାରେ ନିକଟତର ହେଉଥିବା ଗଣମାଧ୍ୟମ ତଥ୍ୟରୁ ଜଣାପଡିଛି । ଜର୍ଜିଆରେ ଡୋନାଲ୍ଡ ଟ୍ରମ୍ପଙ୍କ ରିପବ୍ଲିକାନ ଦଳ ଭଲ ପ୍ରଦର୍ଶନ କରିଛି । ଡୋନାଲ୍ଟ ଟ୍ରମ୍ପ ୨୩ଟି ପ୍ରଦେଶରେ ଜିତିବାର ଲକ୍ଷ୍ୟ ରଖିଛି । ସେଥିମଧ୍ୟରୁ ୬ଟି ସୁଇଙ୍ଗ ପ୍ରଦେଶରେ ତାଙ୍କ ଦଳ ଭଲ ପ୍ରଦର୍ଶନ କରିଥିବା ଆମର ହସ୍ତଗତ ହୋଇଛି । ବର୍ତ୍ତମାନର ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ ପ୍ରାର୍ଥୀ କମଳା ହାରିସ୍’ ଟ୍ରମ୍ପଙ୍କ ଠାରୁ ଇଲେକ୍ଟୋରାଲ ଭୋଟ୍‌ରେ ବହୁ ପଛରେ ଅଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଟ୍ରମ୍ପ କହିଛନ୍ତି ଯେ ଚଳିତଥରର ନିର୍ବାଚନ ଫଳାଫଳ ଆମେରିକାବାସୀ ପୂର୍ବରୁ କେବେ ଦେଖିନଥିଲେ । ଆମେରିକାବାସୀମାନେ ତାଙ୍କୁ ଚଳିତ ନିର୍ବାଚନରେ ସର୍ବାଧିକ ସମ୍ମାନ ଦେଇଛନ୍ତି । ଶ୍ରୀ ଟ୍ରମ୍ପ ୨୦୨୪ ନିର୍ବାଚନରେ ଜିତିଲେ ଆମେରିକାର ୪୭ତମ ରାଷ୍ଟ୍ରପତି ହେବେ ।

# ଜେକେ-ଆସାମ

ଜାମ୍ମୁ-କାଶ୍ମୀର ବିଧାନସଭାରେ ଆଜି କେନ୍ଦ୍ରଶାସିତ ଜାମ୍ମୁକାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଏବଂ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନ ନେଇ ପ୍ରସ୍ତାବ ଗୃହୀତ ହୋଇଛି । ଗୃହର ବୈଠକ ଆଜି ସକାଳେ ଆରମ୍ଭ ହେବା ମାତ୍ରେ ଉପମୁଖ୍ୟମନ୍ତ୍ରୀ ସୁରିନ୍ଦର କୁମାର ଚୌଧୁରୀ ଜାମ୍ମୁକାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ଏବଂ ସାମ୍ବିଧାନିକ ସ୍ୱୀକୃତି ପ୍ରଦାନର ଗୁରୁତ୍ୱ ସଂକ୍ରାନ୍ତ ପ୍ରସ୍ତାବ ଆଗତ କରିଥିଲେ । ଏହା ଜାମ୍ମୁ କାଶ୍ମୀରର ପରିଚୟ, ସଂସ୍କୃତି ଏବଂ ଅଧିକାରକୁ ରକ୍ଷାକରୁଛି ବୋଲି ସେ ପ୍ରସ୍ତାବରେ କହିଥିଲେ । ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ଜାମ୍ମୁକାଶ୍ମୀରର ନିର୍ବାଚିତ ପ୍ରତିନିଧିମାନଙ୍କ ସହ କେନ୍ଦ୍ର ସରକାର ସ୍ୱତନ୍ତ୍ର ମାନ୍ୟତା ଏବଂ ସାମ୍ବିଧାନିକ ସ୍ୱୀକୃତିର ପୁନଃସ୍ଥାପନ ନେଇ ଆଲୋଚନା କରିବା ପାଇଁ ଆହ୍ୱାନ ଦେଇଥିଲେ । ଗୃହରେ ପ୍ରସ୍ତାବ ଆଗତ ହେବା ପରେ ବିଜେପିର ସୁନୀଲ ଶର୍ମାଙ୍କ ନେତୃତ୍ୱରେ ବିରୋଧୀଦଳ ପକ୍ଷରୁ ଏହାକୁ ବିରୋଧ କରାଯାଇଥିଲା । ଏହି ପ୍ରସ୍ତାବ ତାଙ୍କ କାର୍ଯ୍ୟର ଅଂଶବିଶେଷ ନୁହେଁ ବୋଲି ଶ୍ରୀ ଶର୍ମା ଗୃହରେ ମତ ରଖିଥିଲେ । ହଇଗୋଳ ସତ୍ତ୍ୱେ ବାଚସ୍ପତି ଏହି ପ୍ରସ୍ତାବରେ ବାଚନିକ ଭୋଟ୍ କରିଥିଲେ ଏବଂ ଏହା ଗୃହରେ ଅନୁମୋଦିତ ହୋଇଥିଲା ।

୨୦୧୯ ମସିହା ଅଗଷ୍ଟ ୫ ତାରିଖରେ ସଂସଦରେ ଜାମ୍ମୁ-କାଶ୍ମୀରର ଧାରା ୩୭୦ ଉଚ୍ଛେଦ ନେଇ ପ୍ରସ୍ତାବ ଗୃହୀତ ହୋଇଥିଲା ।

## ନୀତିଆୟୋଗ-ଜଳ ଉତ୍ସବ

ଜଳ ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟିତ୍ୱ ନେଇ  ସଚେତନତା ସୃଷ୍ଟିକରିବା ଲକ୍ଷ୍ୟରେ ନୀତି ଆୟୋଗ ପକ୍ଷରୁ ଆଜି ୧୫ଦିନିଆ ଜଳ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଗତବର୍ଷ ଡିସେମ୍ବର ମାସରେ ଅନୁଷ୍ଠିତ ତୃତୀୟ ସଚିବସ୍ତରୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନଦୀ ଉତ୍ସବକୁ ଆଧାର କରି ଜଳ ଉତ୍ସବର ପରିକଳ୍ପନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜଳ ଉତ୍ସବ ପରିକଳ୍ପନାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ନୀତି ଆୟୋଗ ପକ୍ଷରୁ ଜଳ ଉତ୍ସବ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ନୀତି ଆୟୋଗ ପକ୍ଷରୁ କୁହାଯାଇଛି ଆଜିଠାରୁ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ୨୦ଟି ଆକାଂକ୍ଷୀ ଜିଲ୍ଲା ଏବଂ ବ୍ଲକ ଗୁଡ଼ିକରେ ଜଳ ଉତ୍ସବ କାର୍ଯ୍ୟକାରୀ କରାଯିବ । ଜାତୀୟ ଜଳଜୀବନ ମିଶନ, ପାନୀୟଜଳ ଓ ପରିମଳ ବିଭାଗ ଏବଂ ଜଳଶକ୍ତି ମନ୍ତ୍ରଣାଳୟର ଭାଗିଦାରିତାରେ ଏହି କାର୍ଯ୍ୟକ୍ରମ କରାଯିବ । ଜଳ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ନିମନ୍ତେ ୨୦ଟି ରାଜ୍ୟରେ ଜଳ ଉତ୍ସବ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଜଳର ସୁ-ପରିଚାଳନା ନିମନ୍ତେ ବ୍ୟବହାରକାରୀ ଏବଂ ସଂସ୍ଥାଗୁଡ଼ିକ ମଧ୍ୟରେ

ଦାୟିତ୍ୱବୋଧତା ସୃଷ୍ଟି କରିବା ଲକ୍ଷ୍ୟରେ ଏହା କାର୍ଯ୍ୟକ୍ରମ କରାଯାଉଛି । ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଜଳ ପରିଚାଳନା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । ସେମାନେ ମଧ୍ୟ ପରିବାର ଏବଂ ପାରିପାର୍ଶ୍ୱିକ ଅଞ୍ଚଳରେ ଜଳର ସଂରକ୍ଷଣ ନେଇ ସଚେତନତା ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରିପାରିବେ ବୋଲି ନୀତିଆୟୋଗ ପକ୍ଷରୁ କୁହାଯାଇଛି ।

## କେରଳ-ଉପନିର୍ବାଚନ

କେରଳର ୱ୍ୱାଏନାଡା ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଦୁଇ ବିଧାନସଭା ନିର୍ବାଚନ ମଣ୍ଡଳୀ ସଂରକ୍ଷିତ ଚେଲାକାର ଏବଂ ପାଲାକାଡ ପାଇଁ ନିର୍ବାଚନ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି । ୱ୍ୱାଏନାଡା ଏବଂ ଚେଲାକାରରେ ଚଳିତମାସ ୧୩ ତାରିଖରେ ଭୋଟ୍‌ଗ୍ରହଣ ଅନୁଷ୍ଠିତ ହେବାକୁ ଥିବାବେଳେ ପାଲାକାଡରେ ଚଳିତମାସ ୨୦ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ । ୱ୍ୱାଏନାଡାରେ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ ଏଲ୍‌ଡିଏଫ୍ ନିର୍ବାଚନ ପ୍ରାର୍ଥୀ ସତ୍ୟନ୍ ମୁକୋରିଙ୍କ ପାଇଁ ଆଜି ନିର୍ବାଚନ ପ୍ରଚାର କରିବେ । ସେହିପରି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେ ତାଙ୍କର ଦଳୀୟ ପ୍ରାର୍ଥୀ ପ୍ରିୟଙ୍କା ଗାନ୍ଧୀଙ୍କ ପାଇଁ ଆସନ୍ତାକାଲି ନିଲାମ୍ବୁରଠାରେ ନିର୍ବାଚନ ପ୍ରଚାର କରିବେ ।  ଏନ୍‌ଡିଏ ପ୍ରାର୍ଥୀ ନବ୍ୟ ହରିଦାସ ଆଜି ନିଲାମ୍ବୁରଠାରେ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ପ୍ରଚାର କାର୍ଯ୍ୟ ଚଳାଇଛନ୍ତି । ଏଲ୍‌ଡିଏଫ୍ ପ୍ରାର୍ଥୀ ୟୁ.ଆର୍.ପ୍ରଦୀପ, ଦଳୀୟ

ସଚିବ ଏମ୍.ଭି.ଗୋବିନ୍ଦନ ଆଜି ଦଳୀୟ ପ୍ରାର୍ଥୀଙ୍କ ପାଇଁ ନିର୍ବାଚନ ପ୍ରଚାର କରିବେ । ଏନ୍‌ଡିଏ ପ୍ରାର୍ଥୀ କେ. ବାଲକ୍ରିଷ୍ଣନଙ୍କ ଲାଗି ରାଜ୍ୟ ପ୍ରଭାରୀ ପ୍ରକାଶ ଜାଭେଦକର ମଧ୍ୟ ନିର୍ବାଚନ ପ୍ରଚାରରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି ।

ପାଲାକାଡରେ କଂଗ୍ରେସ ପ୍ରାର୍ଥୀ ରାହୁଲ ମାଙ୍କୋତାଥିଲ ଆଜି ଅପରାହ୍ଣରେ ପ୍ରଚାର କାର୍ଯ୍ୟରେ ଯୋଗଦେବେ । ସେହିପରି କେ.ପି.ସି.ସି ଅଧ୍ୟକ୍ଷ କେ. ସୁଧାକରନ ଆଜି ନିର୍ବାଚନ କପ୍ରଚାର କାର୍ଯ୍ୟରେ ଅଂଶଗ୍ରହଣ କରିବେ । ଏଲ୍‌ଡିଏଫ୍ ପ୍ରାର୍ଥୀ ଡକ୍ଟର ସାରିନ କାଲପାଥି, ଭାଲିଆପଡମ ଏବଂ ମାଥୁର ଅଞ୍ଚଳରେ ପ୍ରଚାର କାର୍ଯ୍ୟକୁ ଗୁରୁତ୍ୱପ୍ରଦାନ କରିବେ ବୋଲି ଜଣାପଡିଛି । ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୀତାରାମ ମୀନା ଗତକାଲି ନିର୍ବାଚନରେ କଳାଧନ କାରବାରକୁ ନିୟନ୍ତ୍ରଣ କରିବା ଲାଗି ଗଠନ କରାଯାଇଥିବା ସ୍କ୍ୱାର୍ଡର କାର୍ଯ୍ୟକଳାପକୁ ସମୀକ୍ଷା କରିଛନ୍ତି ।

## ବିହାର-ସାରଦା ସିହ୍ନା

ବିଶିଷ୍ଟ ଲୋକଗାୟକ ସାରଦା ସିହ୍ନାଙ୍କର ଆସନ୍ତାକାଲି ପାଟନାଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଶେଷକୃତ୍ୟ ସମ୍ପନ୍ନ କରାଯିବ । ମୁଖ୍ୟମନ୍ତ୍ରୀ ନୀତିଶ କୁମାର ଏ ସମ୍ପର୍କରେ ଘୋଷଣା କରିଛନ୍ତି । ସାରଦା ସିହ୍ନାଙ୍କ ମରଶରୀରକୁ ନୂଆଦିଲ୍ଲୀର ଏମ୍‌ସରୁ ପାଟନାକୁ ଅଣାଯାଇଛି । ତାଙ୍କର ପୁତ୍ର ଅଂଶୁମାନ ସିହ୍ନା କହିଛନ୍ତି ତାଙ୍କ ମାତାଙ୍କର ପାଟନା ଗୁଲାବୀଘାଟସ୍ଥିତ

ଗଙ୍ଗାନଦୀ କୂଳରେ ଅନ୍ତ୍ୟେଷ୍ଟିକ୍ରିୟା କରାଯିବ । ବିଜେପି ଅଧ୍ୟକ୍ଷ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା ଆସନ୍ତାକାଲି ପାଟନାଠାରେ ତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ଅଂଶଗ୍ରହଣ କରିବେ ।

ସୂଚନାଯୋଗ୍ୟ ସାରଦା ସିହ୍ନାଙ୍କର ଗତକାଲି ନୂଆଦିଲ୍ଲୀରେ ୭୨ ବର୍ଷ ବୟସରେ ପରଲୋକ ଘଟିଛି । ଭୋଜପୁରୀ ଏବଂ ମୈଥିଳୀ ଲୋକଗୀତର ବିଶିଷ୍ଟ କଣ୍ଠଶିଳ୍ପୀ ଭାବେ ଖ୍ୟାତି ଅର୍ଜନ କରିଥିବା ଶ୍ରୀ ସିହ୍ନା ପଦ୍ମଭୂଷଣ, ପଦ୍ମଶ୍ରୀ ଏବଂ ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପୁରସ୍କୃତ ହୋଇଥିଲେ ।

# ୟୁନିୟନ ହୋମ୍ ସେକ୍ରେଟାରୀ ଗୌହାଟୀ

କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୋବିନ୍ଦ ମୋହନ ଆଜି ଗୌହାଟୀଠାରେ ସୀମା ପ୍ରସଙ୍ଗରେ ଆସାମ ଏବଂ ମେଘାଳୟର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ । ଉତ୍ତର ପୂର୍ବାଞ୍ଚଳ ସୀମା ବିବାଦର ସମାଧାନ ନେଇ କେନ୍ଦ୍ର ସରକାର ଏବଂ ଆସାମ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଉଭୟ ରାଜ୍ୟଗୁଡ଼ିକ ଦ୍ୱାରା ଅଧିକାଂଶ ପ୍ରସଙ୍ଗ ସୌହାର୍ଦ୍ଦ୍ୟପୂର୍ଣ୍ଣଭାବେ ସମାଧାନ ହୋଇପାରିଛି । ସମାଧାନର ପନ୍ଥାଗୁଡ଼ିକୁ ଅଧିକ କ୍ରିୟାଶୀଳ କରିବା ଲାଗି ଆଜିର ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ

ଗୁରୁତ୍ୱପ୍ରଦାନ କରିଛନ୍ତି । ଆସାମ ଏବଂ ମେଘାଳୟ ଅଧିକାରୀସ୍ତରୀୟ ବୈଠକ ପରେ ଶ୍ରୀ ମୋହନ ଆସାମ ଏବଂ ଅରୁଣାଚଳ ପ୍ରଦେଶର ମୁଖ୍ୟ ଶାସନ ସଚିବମାନଙ୍କ ସହ ସୀମା ସଂକ୍ରାନ୍ତରେ ବୈଠକ କରିବାର କାର୍ଯ୍ୟସୂଚୀ ରହିଛି ।

## ଢ଼ାକା ଏୟାରପୋର୍ଟ ମିସହାପ

ଢ଼ାକାର ହଜରତ ଶାହାଜଲାଲ ଆନ୍ତର୍ଜାତୀୟ ବିମାନବନ୍ଦରଠାରେ ଗତକାଲି ରାତିରେ କ୍ୱେତ୍ ଏୟାରୱେଜ ବିମାନ ସହ ବୋର୍ଡିଙ୍ଗ ବ୍ରିଜ୍‌ର ଦୁର୍ଘଟଣା ହେବା ପରେ ବିମାନର ଦ୍ୱାର ଭାଙ୍ଗିଯାଇଛି । ରାତି ପ୍ରାୟ ୨ଟା ୨୦ମିନିଟ୍ ସମୟରେ କ୍ୱେତ୍ ଏୟାରୱେଜ୍ ବିମାନ କେ.ୟୁ-୨୮୩ ସହ ଦୁର୍ଘଟଣା ହୋଇଥିଲା । ଯାତ୍ରୀମାନେ ବିମାନରୁ ଓହ୍ଲାଇ ଆସିବା ପରେ ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇ ଦ୍ୱାର ଭାଙ୍ଗି ଯାଇଥିଲା । ଦୁର୍ଘଟଣାବେଳେ ବିମାନରେ କେବଳ ଜଣେ ପାଇଲଟ୍ ଏବଂ କେବିନ କ୍ରିଉ ଥିଲେ । ବିମାନଟି ୨୮୪ଜଣ ଯାତ୍ରୀଙ୍କୁ ନେଇ କ୍ୱେତ୍ ଅଭିମୁଖେ ଯାତ୍ରା କରିବାର ଥିଲା ।